ଗ୍ରାମୀଣ କୃଷି ମୌସମ ସେବା
ଭାରତ ପାଣିପାଗ ବିଭାଗ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୮୭ (ଓଡ଼ିଆ ବୁଲେଟିନ୍) | ସପ୍ତାହ – ୪୪ | ତାରିଖ: ୩୦.୧୦.୨୦୨୬

ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

ଜିଲ୍ଲା – ବରଗଡ଼

ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୨୪.୧୦.୨୦୨୬ ରୁ ୩୦.୧୦.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.)							ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.)							ବୃଷ୍ଟିପାତ (ମିଲି ମିଟର)						
୨୪	୨୫	୨୬	୨୭	୨୮	୨୯	୩୦	୨୪	୨୫	୨୬	୨୭	୨୮	୨୯	୩୦	୨୪	୨୫	୨୬	୨୭	୨୮	୨୯	୩୦
31	31	31	31	30	29	26	22	22	21	20	21	20	20	0	0	0	0	2	61	51

ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

ପାଣିପାଗ କାରକ	୩୧-୧୦-୨୦୨୬	୦୧-୧୧-୨୦୨୬	୦୨-୧୧-୨୦୨୬	୦୩-୧୧-୨୦୨୬	୦୪-୧୧-୨୦୨୬
ବୃଷ୍ଟିପାତ (ମିଲି ମିଟର)	10	6	5	5	5
ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ)	30	30	30	29	29
ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ)	20	20	19	19	19
ମେଘ ଆବରଣ(ଓକଟା)	5	5	4	3	3
ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	97	96	94	96	95
ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %)	72	65	67	68	66
ପବନର ବେଗ (କିମି/ଘଣ୍ଟା ପ୍ରତି)	9	1	3	5	2
ପବନର ଦିଗ (ଡିଗ୍ରୀ)	155	124	27	82	101

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛିଟା ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଅଛି ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ରୁ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆଗାମୀ ଦିନଗୁଡ଼ିକରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୦୧ ରୁ ୦୯ କି.ମି. ବେଗରେ ଦକ୍ଷିଣ-ପୂର୍ବ ଓ ଉତ୍ତର-ପୂର୍ବ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

ବାତ୍ୟା "ଅର୍ଣ୍ଣବ" ପରବର୍ତ୍ତୀ କୃଷି ଓ ପଶୁପାଳନ ପରାମର୍ଶ

ସାଧାରଣ ଉପଦେଶ

- ଜଳବନ୍ଦୀ ଓ ମୂଳ ପଚିବା ସମସ୍ୟାକୁ ରୋକିବା ପାଇଁ ଚାଷ ଜମିରୁ ଯଥାଶୀଘ୍ର ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ କରନ୍ତୁ ।
- ବର୍ଷା ଜଳ ନିଷ୍କାସିତ ହେବା ପରେ ଫସଲର କ୍ଷୟକ୍ଷତି ଆକଳନ କରନ୍ତୁ। ବର୍ଷା ପରେ ତୁରନ୍ତ ଜଳମଗ୍ନ ଚାଷ ଜମିକୁ ଯାଆନ୍ତୁ ନାହିଁ ।
- ମାଟିରେ ଆର୍ଦ୍ରତାର ଅବସ୍ଥା ଉପଯୁକ୍ତ ହେବା ଏବଂ ଚାଷ କାର୍ଯ୍ୟ ସୁରକ୍ଷିତ ହେବା ପର୍ଯ୍ୟନ୍ତ ବୁଣା, ରୁଆ, ସାର ପ୍ରୟୋଗ ଓ କୀଟନାଶକ ସିଞ୍ଚନ ସ୍ଥଗିତ ରଖନ୍ତୁ ।
- ଜଳମଗ୍ନ ଫସଲ କିମ୍ବା ପତ୍ର ଓଦା ଥିବା ଫସଲରେ ସାର ଓ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ ।
- ବର୍ଷା ପରେ ଫସଲରେ ବିଶେଷକରି କବକଜନିତ ଓ ଜୀବାଣୁଜନିତ ରୋଗ ସହିତ କୀଟପତଙ୍ଗଙ୍କ ଆକ୍ରମଣ ନିୟମିତ ନିରୀକ୍ଷଣ କରନ୍ତୁ ।
- ଆବଶ୍ୟକ ସ୍ଥଳେ ଅତ୍ୟଧିକ କ୍ଷତିଗ୍ରସ୍ତ ଗଛର ଅଂଶକୁ ହଟାନ୍ତୁ ଏବଂ ଆଂଶିକ ଭାବେ ଭାଙ୍ଗି ପଡ଼ିଥିବା ଗଛକୁ ଉପଯୁକ୍ତ ସାହାରା ପ୍ରଦାନ କରାନ୍ତୁ ।
- ଅମଳ କରାଯାଇଥିବା ଫସଲକୁ ଖୋଲା ପଡ଼ିଆରେ ଛାଡ଼ନ୍ତୁ ନାହିଁ ।

ସଂକ୍ଷିପ୍ତ ଉପଦେଶ

- ବର୍ଷା ପରେ ଚାଷ ଜମିରୁ ଯଥାଶୀଘ୍ର ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ। ଜଳ ନିଷ୍କାସନ ପରେ ଫସଲର କ୍ଷୟକ୍ଷତି ଆକଳନ କରନ୍ତୁ ଏବଂ ପରିସ୍ଥିତି ଅନୁକୂଳ ହେବା ପର୍ଯ୍ୟନ୍ତ ସମସ୍ତ ଚାଷ କାର୍ଯ୍ୟ ସ୍ଥଗିତ ରଖନ୍ତୁ। ଫସଲରେ କୀଟ ଓ ରୋଗର ଆକ୍ରମଣ ନିୟମିତ ନିରୀକ୍ଷଣ କରନ୍ତୁ।

ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

ଫସଲର ନାମ	ଫସଲ ଅବସ୍ଥା	କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ
ବର୍ଷା ଦିନିଆ (ଖରିଫ) ଧାନ	ଫୁଲ ଓ ଦୁଗ୍ଧ ଅବସ୍ଥା/ ଦାନା ଭରିବା / ପରିପକ୍ୱ ଅବସ୍ଥା	• ଧାନ କ୍ଷେତରେ ଜମି ରହିଥିବା ଅତିରିକ୍ତ ବର୍ଷାଜଳକୁ ନିଷ୍କାସନ କରନ୍ତୁ। • ବର୍ଷା ହ୍ରାସ ପାଇବା ପରେ ଧାନ ଫସଲରେ ଶୋଇଯିବା ଓ ଜଳମଗ୍ନ ଯୋଗୁଁ ହୋଇଥିବା କ୍ଷୟକ୍ଷତିର ଆକଳନ କରନ୍ତୁ। • କ୍ଷତିଗ୍ରସ୍ତ କିମ୍ବା ଜଳମଗ୍ନ ଧାନ ଫସଲରେ ଅନାବଶ୍ୟକ ଭାବେ ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ। • ପାଗ ଅନୁକୂଳ ହେବା ପରେ ଧାନ ଫସଲରେ ପତ୍ରାଛାଦପୋଡ଼ା ରୋଗ, ବୀଜାଣୁଜନିତ ପତ୍ରପୋଡ଼ା ରୋଗ ଓ ବିଭିନ୍ନ କୀଟପତଙ୍ଗଙ୍କ ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ । • ବର୍ଷା ଛାଡ଼ିବା ପରେ ଅଳ୍ପ ଅବଧିରେ ଅମଳ ହେଉଥିବା ଧାନ କିସମରେ କ୍ଷେତରେ ଧାନ ଗଜା ହେବାର ସମ୍ଭାବନା କମାଇବା ପାଇଁ ୨% ଲୁଣ ଦ୍ରବଣ (ପ୍ରତି ଲିଟର ପାଣିରେ ୨୦ ଗ୍ରାମ ଲୁଣ) ସିଞ୍ଚନ କରନ୍ତୁ। • ଅନୁକୂଳ ପାଣିପାଗ ପରିସ୍ଥିତିରେ ହିଁ ସାର ଓ ଫସଲ ସୁରକ୍ଷା ଔଷଧ ପ୍ରୟୋଗ କରନ୍ତୁ ।
ଚିନାବାଦାମ	ଫୁଲ ଓ ଓହଳ ଅବସ୍ଥା / ଛୁଇଁ ଗଠନ ଓ ପରିପକ୍ୱ ଅବସ୍ଥା	• ଜମିରେ ଜଳବନ୍ଦୀ ପରିସ୍ଥିତି ଓ ଛୁଇଁ ପଚିଯିବାକୁ ରୋକିବା ପାଇଁ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। • ଅନ୍ତଃଚାଷ ଓ ଅନ୍ୟାନ୍ୟ କୃଷି କାର୍ଯ୍ୟ କରିବା ପାଇଁ ଅନୁକୂଳ ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। • ରୋଗାକ୍ରାନ୍ତ ଓ କ୍ଷତିଗ୍ରସ୍ତ ଗଛର ଅବଶେଷକୁ ସଂଗ୍ରହ କରି ନଷ୍ଟ କରନ୍ତୁ, ଯାହାଦ୍ୱାରା ରୋଗର ବିସ୍ତାର ରୋକାଯାଇପାରିବ। • ମାଟି ଅତ୍ୟଧିକ ଓଦା ଥିବା ସମୟରେ ଅମଳ ଓ ଅନ୍ୟାନ୍ୟ କ୍ଷେତ୍ର କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ। • ଫସଲରେ ପତ୍ରଦାଗ ରୋଗ, କାଣ୍ଡ ପଚା ରୋଗ ଓ ଅନ୍ୟାନ୍ୟ ରୋଗର ଆକ୍ରମଣ ପାଇଁ ନିୟମିତ ନଜର ରଖନ୍ତୁ।
ମକା	ଫୁଲ ଅବସ୍ଥା / ପରିପକ୍ୱ ଅବସ୍ଥା	• ପୂର୍ବ ଦିନର ପ୍ରବଳ ବର୍ଷା ଓ ପବନ ଯୋଗୁଁ ଗଛ ଉପୁଡ଼ିବା କିମ୍ବା ଶୋଇଯିବାକୁ ରୋକିବା ପାଇଁ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଜମିରେ ଜମି ରହିଥିବା ପାଣିକୁ ଯଥାଶୀଘ୍ର ନିଷ୍କାସନ କରନ୍ତୁ। • ଶୋଇଯାଇଥିବା ଗଛଗୁଡ଼ିକୁ ସମ୍ଭବ ହେଲେ ଆବଶ୍ୟକୀୟ ସାହାରା ଦିଅନ୍ତୁ ଏବଂ ଅମଳ କରାଯାଇଥିବା ମକା ଭୁଟ୍ଟାକୁ ଆର୍ଦ୍ରତାରୁ ସୁରକ୍ଷିତ ରଖନ୍ତୁ। • ବର୍ଷା ଛାଡ଼ିବା ପରେ ଫସଲରେ ଜଳୀୟ ଚାପଜନିତ କ୍ଷତିରୁ ଫସଲର ପୁନରୁଦ୍ଧାର ପାଇଁ ଆବଶ୍ୟକତା ଅନୁସାରେ ଜଳରେ ଦ୍ରବଣୀୟ ଏନ.ପି.କେ. ସାର (୧୯:୧୯:୧୯) କୁ ପ୍ରତି ଲିଟର ପାଣିରେ ୧୦ ଗ୍ରାମ ହିସାବରେ ପତ୍ରରେ ସିଞ୍ଚନ କରନ୍ତୁ । ଦରକାର ପଡ଼ିଲେ ଏହାକୁ ଗୋଟେ ସପ୍ତାହ ବ୍ୟବଧାନରେ ଦୁଇ ରୁ ତିନି ଥର ପ୍ରୟୋଗ କରନ୍ତୁ ।
ରବି ଫସଲ	ବୁଣା ଓ ରୋପଣ ଅବସ୍ଥା	• ମାଟିରେ ଆର୍ଦ୍ରତାର ସ୍ଥିତି ଅନୁକୂଳ ନ ହେବା ପର୍ଯ୍ୟନ୍ତ ରବି ଫସଲର ବୁଣା ଓ ରୋପଣ କାର୍ଯ୍ୟ କରିବା ପାଇଁ ଅପେକ୍ଷା କରନ୍ତୁ। • ଠିକ୍ ସମୟରେ ବୁଣା କାର୍ଯ୍ୟ ପାଇଁ ଭଲ ଜଳ ନିଷ୍କାସନ ବ୍ୟବସ୍ଥା ଥିବା ଜମି ପ୍ରସ୍ତୁତ କରନ୍ତୁ। • ଚାରା ଶଯ୍ୟାରେ ଉପଯୁକ୍ତ ଦୂରତା ବଜାୟ ରଖନ୍ତୁ ଏବଂ ଜଳ ନିଷ୍କାସନର ସୁବିଧା କରନ୍ତୁ। • ବର୍ଷା ପରେ ଫସଲରେ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। • ଜମିରୁ ଘାସ ଓ ରୋଗାକ୍ରାନ୍ତ ତଥା କ୍ଷତିଗ୍ରସ୍ତ ଗଛର ଅଂଶଗୁଡ଼ିକୁ ବାହାର କରି ଦିଅନ୍ତୁ।
ଫଳ ଚାଷ	ଫଳ ଅବସ୍ଥା/ ରୋପଣ ଅବସ୍ଥା	• ମାଟିରେ ଉପଯୁକ୍ତ ଆର୍ଦ୍ରତା ରହିଥିବା ସମୟରେ ନୂତନ ଫଳ ଗଛ ଲଗାନ୍ତୁ। • ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଗଛ ମୂଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। • ନୂତନ ଭାବେ ଲଗାଯାଇଥିବା ଫଳ ଗଛ ଓ ଅଧିକ ଫଳ ଧାରଣ କରିଥିବା ଡାଳଗୁଡ଼ିକୁ ଆବଶ୍ୟକୀୟ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ । • ବାତ୍ୟା ପରେ ଗଛରୁ ଝଡ଼ି ପଡ଼ିଥିବା ଓ କ୍ଷତିଗ୍ରସ୍ତ ଫଳଗୁଡ଼ିକୁ ବାହାର କରିଦିଅନ୍ତୁ, ଯାହାଦ୍ୱାରା ରୋଗ ସଂକ୍ରମଣର ଆଶଙ୍କା କମିଯିବ। • ଗଛର କ୍ଷତସ୍ଥାନ ଓ କ୍ଷତିଗ୍ରସ୍ତ ଅଂଶଗୁଡ଼ିକରେ ପୁଣିଥରେ ସଂକ୍ରମଣ ହେବାର ଆଶଙ୍କା ରହିଅଛି ତେଣୁ ଏହାପ୍ରତି ନଜର ରଖନ୍ତୁ ।
ପନିପରିବା ଚାଷ	ବୁଣା ଓ ରୋପଣ	• ମୂଳ ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। ଅଧିକ ପାଣି ଜମି ରହିଲେ ପନିପରିବା ଫସଲରେ ହଠାତ୍

	ଅବସ୍ଥା / ଫୁଲ ଓ ଫଳ ଅବସ୍ଥା	ଝାଉଁଳିଯିବା ଓ ମୂଳ ପଚା ରୋଗର ଆଶଙ୍କା ବଢ଼ିପାରେ, ତେଣୁ ଜମି ତଥା ଚାରା ଶଯ୍ୟାରୁ ଅତିରିକ୍ତ ପାଣି ତୁରନ୍ତ ନିଷ୍କାସନ କରନ୍ତୁ। • ଲତାଜାତୀୟ ଫସଲରେ ଫଳଗୁଡ଼ିକୁ ମାଟି ସଂସ୍ପର୍ଶରୁ ଦୂରରେ ରଖିବା ଓ ରୋଗ ସଂକ୍ରମଣ କମାଇବା ପାଇଁ ମାଚା କିମ୍ବା ଟ୍ରେଲିସ୍‌ର ସାହାଯ୍ୟ ନିଅନ୍ତୁ। • ଠିଆ ହୋଇଥିବା ଫସଲରେ ଆବଶ୍ୟକ ଅନୁସାରେ ଖୁଣ୍ଟି ବାନ୍ଧି ସାହାରା ଦିଅନ୍ତୁ। • ବର୍ଷା କମିବା ପରେ ଫସଲରେ ବିଭିନ୍ନ କୀଟପତଙ୍ଗ ଓ ରୋଗର ଆକ୍ରମଣ ଉପରେ ନିୟମିତ ନଜର ରଖନ୍ତୁ। • ମାଟିରେ ଉପଯୁକ୍ତ ଆର୍ଦ୍ରତା ଆସିବା ପରେ ହିଁ ଚାରା ରୋପଣ କାର୍ଯ୍ୟ କରନ୍ତୁ। • ଫସଲର ପତ୍ର ଓ ଗଛ ଓଦା ଥିବା ସମୟରେ ସାର ପ୍ରୟୋଗ ଓ କୀଟନାଶକ ଔଷଧ ସିଞ୍ଚନ କରନ୍ତୁ ନାହିଁ।
ପଶୁ ପାଳନ	• ପଶୁମାନଙ୍କୁ ସୁରକ୍ଷିତ ଓ ଶୁଷ୍କ ଗୁହାଳରେ ରଖନ୍ତୁ ଏବଂ ସେମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ପର୍ଯ୍ୟାପ୍ତ ଖାଦ୍ୟ ଯୋଗାଇ ଦିଅନ୍ତୁ। • ବର୍ଷା ଛାଡ଼ିବା ପରେ ପଶୁ ଗୁହାଳକୁ ସଫା କରି ବିଶୋଧନ କରନ୍ତୁ। • ଗୁହାଳ ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ଏବଂ ଶୁଷ୍କ ବିଛଣାର ବ୍ୟବସ୍ଥା କରନ୍ତୁ। ଗୁହାଳକୁ ପରିଷ୍କାର ଓ ଯଥେଷ୍ଟ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ। ପଶୁମାନଙ୍କୁ ପର୍ଯ୍ୟାପ୍ତ ସବୁଜ ଓ ଶୁଷ୍କ ଘାସ ସହିତ ଖଣିଜ ମିଶ୍ରଣ ଯୋଗାଇ ଦିଅନ୍ତୁ। • ପଶୁମାନଙ୍କ ମଧ୍ୟରେ ଖୁରା ଓ ମୁହଁ ରୋଗ ବା ଫାଟୁଆ (FMD) ଓ ଥନହରା (ମାଷ୍ଟାଇଟିସ୍) ରୋଗର ଲକ୍ଷଣଗୁଡ଼ିକୁ ନିୟମିତ ଭାବେ ନିରୀକ୍ଷଣ କରନ୍ତୁ । • ପଶୁମାନଙ୍କ ଶରୀରରେ କ୍ଷତ ଓ ଅସୁସ୍ଥତାର ଲକ୍ଷଣ ଯାଞ୍ଚ କରନ୍ତୁ ଏବଂ ଆବଶ୍ୟକ ହେଲେ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ ।	
କୁକୁଡ଼ା ପାଳନ	• କୁକୁଡ଼ା ଘରକୁ ଶୁଷ୍କ, ପରିଷ୍କାର ଓ ଯଥେଷ୍ଟ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ ଏବଂ ଘର ଚାରିପାଖରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ। • ବର୍ଷା ଛାଡ଼ିବା ମାତ୍ରେ ପଶୁମାନଙ୍କୁ ତୁରନ୍ତ ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ। • କୁକୁଡ଼ା ଘରର ବିଛଣାକୁ ଶୁଷ୍କ ରଖନ୍ତୁ। ଚୂନ କିମ୍ବା ବ୍ଲିଚିଂ ପାଉଡର ଆଦିର ବ୍ୟବହାର କେବଳ ସୁପାରିଶ ଅନୁଯାୟୀ କରି ବିଛଣାର ଉପଯୁକ୍ତ ବିଶୋଧନ କରନ୍ତୁ। କୁକୁଡ଼ା ଘରେ ଯଥେଷ୍ଟ ବାୟୁ ଚଳାଚଳର ବ୍ୟବସ୍ଥା କରନ୍ତୁ ଏବଂ ଅତ୍ୟଧିକ ସଂଖ୍ୟାରେ କୁକୁଡ଼ା ରଖନ୍ତୁ ନାହିଁ।	

Mrs. Jubuli Sahu **Junior Agrometeorologist,** **AMFU, RRTTS, Chiplima**	**Dr. Sanjukta Mohapatra** **ADR cum Nodal Officer** **RRTTS, Chiplima**

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ (https://play.google.com/store/apps/details?id=com.imd.masuam).